## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ବେଲଗୁଣ୍ଠା,୨୯ ।୩(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜିଲିବା କାଳୀମନ୍ଦିର ନିକଟରେ ରବିବାର ଭୋର୍ ୫ଟାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜଗନ୍ନାଥପ୍ରସାଦ ଥାନା ଖମାରପୋଲି ଗ୍ରାମର ସ୍ୱର୍ଗତ ସଦାଶିବ ରାଉତଙ୍କ ପୁଅ ଶିବରାମ ରାଉତ (୨୫) । ସେ ତାଙ୍କ ମାମୁଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ କୋକଲୁଣ୍ଡାରେ ତାଙ୍କ ମା' ସୌଦାମିନୀ ରାଉତଙ୍କ ସହ ରହି ଆସୁଥିଲେ । ଶନିବାର ଶିବରାମ କିଛି ସାଙ୍ଗଙ୍କ ସହ ଗାଙ୍ଗପୁର ଥାନା ଅନ୍ତର୍ଗତ ଖୁକୁଣ୍ଡିଆ ଗ୍ରାମକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ । ଅନ୍ୟ ସାଙ୍ଗମାନେ ରାତିରେ ମେଲୋଡି ଦେଖି ଫେରିଯାଇଥିବା ବେଳେ ଶିବରାମ ଭୋର ଚାରିଟା ପର୍ଯ୍ୟନ୍ତ ନାଟକ ଦେଖିଥିଲା । ଭୋର ୪ଟା ପରେ ଶିବରାମ ନିଜ ବାଇକ୍ ଯୋଗେ ମାମୁଘର ଗାଁ କୋକଲୁଣ୍ଡା ଫେରୁଥିବା ବେଳେ ତାଙ୍କୁ ଏକ ଟ୍ରାକ୍ଟର (ନଂ.ଓଡି୩୨କେ-୧୮୫୩) ଧକ୍କା ଦେଇଥିଲା । ଫଳରେ ଶିବରାମ ତଳେ ପଡ଼ି ଗୁରୁତର ହୋଇଥିଲେ । ମେଡିକାଲ୍ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ଶବ ଜବତ କରି ଭଞ୍ଜନଗର ଠାରେ ବ୍ୟବଚ୍ଛେଦ କରିବା ପରେ ତାର ପରିବାରକୁ ହସ୍ତାନ୍ତର କରିଛନ୍ତି । ଏନେଇ ପୁଲିସ୍ ୧୧୯/୨୬ରେ ଏକ ମାମଲା ରୁଜୁ କରି ଟ୍ରାକ୍ଟର ଚାଳକ ଅଜୟ ପ୍ରଧାନକୁ ଅଟକ ରଖିବା ସହିତ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି ।

## ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ

ଆସିକା,୨୯ ।୩(ସମିସ): ଆସିକା ବ୍ଲକ ଅନ୍ତର୍ଗତ କେଶପୁର ଗାଁର ମହନ୍ତ ନାୟକ(୫୫) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଶନିବାର ସେ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସି ପାଣିରେ ବୁଡି ଯାଇଥିଲେ । ରବିବାର ତାଙ୍କ ମୃତଦେହ କେଶପୁର ପୋଖରୀରେ ଭାସୁଥିବା ବେଳେ ଗ୍ରାମବାସୀ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଟ୍ରେନ୍‌ରେ କଟି ଅଜଣା ଯୁବକଙ୍କ ମୃତ୍ୟୁ

ହୁମ୍ମା,୨୯ ।୩(ସମିସ): ରମ୍ଭା ରେଳ ଷ୍ଟେସନରେ ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସରେ କଟି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି । ରବିବାର ସକାଳ ୯.୫୨ରେ ଇଣ୍ଟରସିଟି ଏକ୍ସପ୍ରେସ ରମ୍ଭା ଷ୍ଟେସନରେ ଯାତ୍ରୀମାନଙ୍କୁ ଓହ୍ଲାଇବା ପରେ ଛାଡ଼ିଥିଲା । ଏହି ସମୟରେ ଅଜଣା ଯୁବକଟି ଟ୍ରେନ ଚକା ତଳକୁ ଆସି ଯାଇଥିଲା । ଫଳରେ ମୁଣ୍ଡ-ଗଣ୍ଡି ଅଲଗା ହୋଇଯାଇଥିଲା । ତେବେ ଏହି ଯୁବକଟି ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି । ଅଜଣା ଯୁବକଟି ମଧ୍ୟ ଉକ୍ତ ଟ୍ରେନରୁ ଓହ୍ଲାଇ ଟ୍ରେନ ଛାଡିବା ସମୟରେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ରେଳବାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି । ତେବେ ଯୁବକଙ୍କ ପରିଚୟ ମିଳିପାରିନି । ଅପରପକ୍ଷେ ଦୁର୍ଘଟଣା ପରେ ଇଣ୍ଟରସିଟି ଏକ୍ସପ୍ରେସଟି ରମ୍ଭା ଷ୍ଟେସନରେ ୫୦ ମିନିଟ ଅଟକି ରହିଥିଲା । ଫଳରେ ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।

## ଆହତ କୃଷ୍ଣସାରର ମୃତ୍ୟୁ

ରମ୍ଭା,୨୯ ।୩(ସମିମ): ବୁଲା କୁକୁରଙ୍କ ଆକ୍ରମଣରେ ଗୁରୁତର ହୋଇ ବୋରିଗାଁ ଝାଡେଶ୍ୱର ମନ୍ଦିର ପାଦ ଦେଶରେ ପଡ଼ି ରହିଥିବା ଏକ ପୁରୁଷ କୃଷ୍ଣସାର ମୃଗକୁ ସ୍ଥାନୀୟ ବୋରିଗାଁ ଝାଡେଶ୍ୱର ମନ୍ଦିର କମିଟି ସଦସ୍ୟମାନେ ଜୟସେନ୍ ପ୍ରଧାନଙ୍କ ନେତୃତ୍ୱରେ ଉଦ୍ଧାର କରିଥିଲେ । ଉକ୍ତ ଖବର ସ୍ଥାନୀୟ ମନ୍ଦିର ସ୍ୱେଚ୍ଛାସେବୀ ସଦସ୍ୟ ମାନେ ଅଞ୍ଚଳର ପରିବେଶବିତ୍ ପ୍ରକୃତିବନ୍ଧୁ ବିଜୟ କୁମାର ବିଶ୍ୱାଳଙ୍କୁ ପ୍ରଥମେ ଖବର ଦେଇଥିଲେ । ଏହି ବିଷୟ ଶ୍ରୀ ବିଶ୍ୱାଳ ସ୍ଥାନୀୟ ରମ୍ଭା ବନ୍ୟ ପ୍ରାଣୀ ବନାଞ୍ଚଳ ଅଧିକାରୀ ତଥା ସହ ବନସଂରକ୍ଷକ ଦିବ୍ୟଶଙ୍କର ବେହେରାଙ୍କୁ ତତ୍କାଳ ଜଣାଇବାରୁ ସେମାନେ ସଦଳବଳେ ଆସି ଆହତ କୃଷ୍ଣସାର ମୃଗଟିକୁ ଉଦ୍ଧାର କରି ହୁମ୍ମା ପଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଏଠାରେ ବହୁଦିନ ଧରି ଗୋଷ୍ଠୀ ପଶୁ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡିଥିବାରୁ ଉପଯୁକ୍ତ ଚିକିତ୍ସା ହୋଇ ପାରି ନ ଥିଲା । ଫଳରେ ଆହତ ବୟସ୍କ ମୃଗଟିର ମୃତ୍ୟୁ ଘଟିଛି । ପଶୁ ଚିକିତ୍ସା ବିଭାଗଙ୍କ ଏହି ଅବ୍ୟବସ୍ଥାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ପ୍ରକାଶଥାଉକି ଏହି ଦନ୍ତପୁର ଅଞ୍ଚଳ ସଂପ୍ରତି ବିରଳ କୃଷ୍ଣସାର ମୃଗ ତଥା ମୟୂର - ମୟୁରୀଙ୍କ ସୁରମ୍ୟ ବିହାର ସ୍ଥଳୀ ରୂପେ ପରିଣତ ହୋଇଛି । ଏହାର ସୁରକ୍ଷା ଓ ସୁପରିଚାଳନା ନିମିତ୍ତ ସରକାରଙ୍କ ଆପଦକାଳୀନ ପଶୁ ସହାୟତା ଚିକିତ୍ସା ସ୍ଥାୟୀ ଭାବେ ଯୋଗାଇ ଦେବା ପାଇଁ ଜନସାଧାରଣଙ୍କ ତରଫରୁ ଦାବି ହେଉଛି ।

## ହୁମ୍ମା ହାଟରୁ ସିରିଜ୍ ମୋବାଇଲ୍ ଚୋରି

ଗଞ୍ଜାମ,୨୯।୩(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ହାଟରୁ ରବିବାର ହାଟରୁ ସିରିଜ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏହି ଶୁଖୁଆ ହାଟକୁ ଆସୁଥିବା ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପରିଲକ୍ଷିତ ହୋଇଛି । କିଛିମାସ ପୂର୍ବରୁ ଉକ୍ତ ସାପ୍ତାହିକ ହାଟରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ହୋଇଥିବା ବେଳେ ରବିବାର ମୋବାଇଲ ଚୋରି ଘଟଣାରୁ ଏକ ଚୋର ଦଳ ଉକ୍ତ ହାଟରେ ପହଞ୍ଚି ଗହଳିର ସୁଯୋଗ ନେଇ ଚୋରି କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ରବିବାର ଖଟୁଆକୁଦା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କ ମୋବାଇଲ ଚୋରି ହୋଇଛି । ସେହିପରି ଅନ୍ୟ ଦୁଇଜଣଙ୍କ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ପୁଲିସ ଏଦିଗରେ ଦୃଷ୍ଟି ଦେଇ ଚୋର ଦଳକୁ ଧରିବାକୁ ଦାବି ହେଉଛି ।

## ହାଇକୋର୍ଟ ଓକିଲ ସଂଘ ସହ-ସଚିବ ହେଲେ ସୁଲୋଚନା

ବେଲଗୁଣ୍ଠା,୨୯।୩(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ପାତ୍ରଙ୍କ ଝିଅ ସୁଲୋଚନା ପାତ୍ର ଓଡିଶା ହାଇକୋର୍ଟ ବାର ଆସୋସିଏସନର ସହ-ସଚିବ ପଦରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସୁଲୋଚନା ନିଜର ଅଦମ୍ୟ ପରିଶ୍ରମ, ନିରନ୍ତର ପ୍ରୟାସ ଓ ଶୃଙ୍ଖଳାବଦ୍ଧ ଜୀବନ ହିଁ ଏହି ସଫଳତାର ମୂଳ ଆଧାର ବୋଲି ପ୍ରକାଶ କରିଛନ୍ତି । ସେ ନିଜର ଏହି ସଫଳତାକୁ ନିଜ ଗ୍ରାମବାସୀଙ୍କୁ ଉତ୍ସର୍ଗ କରିବା ସହିତ ପ୍ରତ୍ୟେକ ସମୟରେ ପ୍ରକୃତ ନ୍ୟାୟରୁ ବଞ୍ଚିତ ହେଉଥିବା ସମାଜର ନିମ୍ନ ଶ୍ରେଣୀର ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି । ସୁଲୋଚନାଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

### ଶୋଭା ହରାଉଛି ସଂସ୍କୃତି ସହର

# କଦର୍ଯ୍ୟ ଦିଶିଲାଣି କାନ୍ଥଚିତ୍ର, ପଦ୍ୟାବଳୀରୁ ଶବ୍ଦ ଅଦୃଶ୍ୟ

ଭଞ୍ଜନଗର,୨୯ ।୩(ସମିସ)

ଭକ୍ତକବି ମଧୁସୂଦନ ରାଓଙ୍କ ମୁଖମଣ୍ଡଳ ଦିଶୁଛି, ବାକି ଶିଉଳି ମାଡ଼ିଯାଇଛି । ଗୋପବନ୍ଧୁ, ମଧୁବାବୁ, ବିଜୁ ପଟ୍ଟନାୟକ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ପ୍ରତିଛବି ମଳିନ ପଡିଗଲାଣି । କେଉଁ ପଦ୍ୟାବଳୀରୁ କିଛି ଶବ୍ଦ ଅଦୃଶ୍ୟ ହୋଇଯାଇଥିବା ବେଳେ ଆଉ କେଉଁ ଚିତ୍ରର ଚିହ୍ନବର୍ଣ୍ଣ ନାହିଁ । ଏସବୁ ଭଞ୍ଜନଗର ସହରର କାନ୍ଥ ଗୁଡ଼ିକରେ ହୋଇଥିବା ମହାପୁରୁଷଙ୍କ ଚିତ୍ର ଗୁଡ଼ିକର ଅବସ୍ଥା । ଦିନେ ସହରର ଶୋଭା ବଢ଼ାଉଥିବା କାନ୍ଥଚିତ୍ର ଏବେ କଦର୍ଯ୍ୟ ଦିଶିଲାଣି । ଭଞ୍ଜନଗର ସହରର ସୌନ୍ଦର୍ଯ୍ୟକରଣ ପାଇଁ ପୌରପାଳିକା ପକ୍ଷରୁ ନାନା ପଦକ୍ଷେପ ଗ୍ରହଣ କରାଯାଉଛି । ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏଥିସହ ସହରର ବିଭିନ୍ନ ସରକାରୀ କାନ୍ଥରେ ନାନା ଚିତ୍ର ଅଙ୍କନ କରାଯାଇ ସହରର ଶୋଭା ବଢ଼ାଯାଉଛି । ଦିନଥିଲା ମହାପୁରୁଷଙ୍କ ଚିତ୍ରଠାରୁ ପରମ୍ପରା, କଳା, ସଂସ୍କୃତି ଆଦିର ଝଲକରେ ଝଲିସି ଉଠୁଥିଲା ସହରର କାନ୍ଥଚିତ୍ର । ପୁରୁଣା ଜେଲ କାନ୍ଥ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାନ୍ଥ, କୋର୍ଟ କାନ୍ଥ, ଗୋ-ଫାର୍ମ ସମେତ କଲେଜ ରୋଡ଼, ବ୍ଲକ ରାସ୍ତା ଅଞ୍ଚଳର ବିଭିନ୍ନ ସ୍ଥାନରେ କାନ୍ଥଚିତ୍ର କରାଯାଇଥିଲା । ହେଲେ ବର୍ଷାପାଣି, ଖରା ଖାଇ ଅନେକ ଚିତ୍ରରୁ ରଙ୍ଗ ଛାଡ଼ି ଫିକା ଦିଶିଲାଣି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କୋର୍ଟ ପାଚେରୀରେ ଏସିଆର ସର୍ବବୃହତ ଡେରା ବେଶ ଓ ବିଶ୍ୱ ବିଖ୍ୟାତ ପଶୁ ମୁଖା, ରଣପା, ଯୋଡି ଶଙ୍ଖ, ମଙ୍ଗଳା ଘଟ ନୃତ୍ୟ, ଚଢ଼େୟା ନାଚ, ଦଣ୍ଡ ନାଚ, ଭଞ୍ଜନଗର ଜଳଭଣ୍ଡାର, ପିପିଲି ଚାନ୍ଦୁଆ, ବାଉଁଶ ପାତି, ଗୋବର କଣ୍ଢେଇ, ବିଶ୍ୱ ପ୍ରସିଦ୍ଧ ପିତଳ ମାଛ ଚିତ୍ର କରାଯାଇଥିଲା ।



ଯାହା ଶିଉଳି ମାଡ଼ି ଅତି କଦର୍ଥ ଦିଶିଲାଣି । ସେହିଭଳି ଗାଇଫାର୍ମ ପାଚେରୀରେ ହୋଇଥିବା ଡ. ଏପିଜେ ଅବଦୁଲ କଲାମ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓଙ୍କ ସମେତ କଲେଜ୍ ରୋଡ଼ ଜଳସେଚନ ବିଭାଗ ପାଚେରୀରେ ସନ୍ଥକବି ଭୀମଭୋଇ, ଗୋସ୍ୱାମୀ ତୁଳସୀ ଦାସ, ସନ୍ଥ କବୀର ଭଳି ମହାପୁରୁଷଙ୍କ ଚିତ୍ରର ଅବସ୍ଥା ମଧ୍ୟ ସମାନ ଓ ଚକରା ବିଷୋୟୀ ନିକଟ ପାଚେରୀରେ ଥିବା ବିଭିନ୍ନ ଦେବାଦେବୀଙ୍କ ସମେତ ସଚେତନତା ବାର୍ତ୍ତା ମଧ୍ୟ ଲିଭି ଗଲାଣି । ଆରମ୍ଭରୁ ଭଲ ଦିଶୁଥିବା ଚିତ୍ର ବର୍ଷାପାଣି ଖାଇବା ପରେ ଶିଉଳି ଲାଗି ନଷ୍ଟ ହୋଇଯାଉଛି । ଆଗକୁ ଭଞ୍ଜନଗରର ଐତିହାସିକ ଠାକୁରାଣୀ ଯାତ୍ରା ହେବ । ତେଣୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ସହରର ବିଭିନ୍ନ କାନ୍ଥରେ ନାନାଦି ଚିତ୍ର କରାଯିବା ସହ ସହରର ସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରାଯିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ବେଲଗୁଣ୍ଠା,୨୯ ।୩(ସମିସ): ବେଲଗୁଣ୍ଠା ବ୍ଲକ ବଡ଼ବୋରସିଂ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ସ୍ଥାନୀୟ ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ଏସ. ରାମେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ମମତା ଭୋଳ ଯୋଗଦେଇ ୪ଟି ପ୍ରକଳ୍ପ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ୪୭ନଂ ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼, ରବୀନ୍ଦ୍ର କୁମାର ସାହୁ, ସୀମାଞ୍ଚଳ ବିଶୋଇ, ସୋରଡ଼ା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଚନ୍ଦ୍ରଶେଖର ନାୟକ, ଯୁବନେତା ଶରତ ଚନ୍ଦ୍ର ସ୍ୱାଇଁ, ସୁମନ୍ତ ବିଶୋଇ ଯୋଗଦେଇଥିଲେ ।

## 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ କାର୍ଯ୍ୟକ୍ରମ



ଛତ୍ରପୁର,୨୯ ।୩(ସମିସ): ସ୍ଥାନୀୟ ଶିଶୁ ମନ୍ଦିର ପରିସରରେ ଶିଶୁ ବାଟିକା ଅଭିଭାବକ ମାନଙ୍କ ପ୍ରଶିକ୍ଷଣ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ସୋପାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋସାଇଁନୂଆଗାଁର ଆଚାର୍ଯ୍ୟ ଶଙ୍କର ପ୍ରସାଦ ନାୟକ ଯୋଗ ଦେଇ ରାଷ୍ଟ୍ରୀୟ ଶିକ୍ଷାନୀତି ଆଧାରରେ ଶିଶୁ ବାଟିକାର ଶୈକ୍ଷିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅନୌପଚାରିକ ବୋଲି କହିବା ସହିତ ଶିଶୁ ମାନଙ୍କ ଦୈନନ୍ଦିନ ଜୀବନରେ ଶିଶୁଙ୍କ ସମଗ୍ରବିକାଶରେ ଅଭିଭାବକ ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଗୀତା ପାଢ଼ି, ସଦସ୍ୟ ରାମପ୍ରସାଦ ପଟ୍ଟନାୟକ, ସହସଂପାଦକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଆଚାର୍ଯ୍ୟ ବି ସୁଶୀଳା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ତୀର୍ଥଯାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି,୨୯ ।୩(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗାଁ ବାଲିବାଡ଼ ସାହିରେ ତୀର୍ଥଯାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିବାଡ଼ ସାହି ସ୍ଥିତ ପୂର୍ବତନ ସମିତିସଭ୍ୟ ତଥା ପୂର୍ବତନ ରେଳ ସୁରକ୍ଷା ବଳ କର୍ମଚାରୀ ଦେବରାଜ ଗୌଡ଼ଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଏକାଠି ହେବା ସହ ନିକଟରେ ସରିଥିବା



ତୀର୍ଥଯାତ୍ରାର ସ୍ମୃତି ସାଉଁଟିଥିଲେ । ଏହି ଅବସରରେ ପୂର୍ବତନ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ, ପୂର୍ବତନ ଶିକ୍ଷକ ମନୋଜ କୁମାର ସାହୁ, କାଳୀଚରଣ ମିଶ୍ର, ଅରବିନ୍ଦ ପାଣିଗ୍ରାହୀ, ସୀମାଦ୍ରୀ ଦାଶ, ସୂର୍ଯ୍ୟନାରାୟଣ ଦାଶ, ପ୍ରସନ୍ନ ପୁରୋହିତ, ଯୋଗେନ୍ଦ୍ର ଦାଶ, ଅଶୋକ କୁମାର ପଣ୍ଡା, ସଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ତୀର୍ଥ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ ।

## ଶ୍ରୀରଘୁନାଥଙ୍କ ନଗର ପରିକ୍ରମା



କବିସୂର୍ଯ୍ୟନଗର,୨୯।୩(ସମିସ): ସ୍ଥାନୀୟ ରଘୁନାଥ ବଜାରରେ ବିଦ୍ୟମାନ ଶ୍ରୀରଘୁନାଥ ମନ୍ଦିର । କେଉଁ ଆବାହନ କାଳରୁ ଏଠି ପୂଜା ପାଉଛନ୍ତି ଶ୍ରୀରଘୁନାଥ । ଶ୍ରୀରାମ ଏକାଦଶୀ ତଥା ରବିନାରାୟଣ ଏକାଦଶୀ ଅବସରରେ ଶ୍ରୀରଘୁନାଥ ମହାପ୍ରଭୁଙ୍କ ନଗର ପରିକ୍ରମା ଯାତ୍ରା ଅନୁଷ୍ଠିତ ହୋଇଛି । ରବିବାର ସନ୍ଧ୍ୟାରେ ଏକ ସୁସଜ୍ଜିତ ରଥରେ ମହାପ୍ରଭୁ ଶ୍ରୀରଘୁନାଥଙ୍କୁ ବସାଇ ଭକ୍ତଙ୍କ ଗହଣରେ ନଗର ପରିକ୍ରମା କରାଯାଇଛି । ଏକ ରଥରେ ରାମ, ଲକ୍ଷଣ, ସୀତା, କୃଷ୍ଣ ଓ ବଳରାମ ଆକର୍ଷଣୀୟ ବେଶରେ ବସି ନଗର ପରିକ୍ରମା କରିଛନ୍ତି । କଳିଙ୍ଗ ବୈଶ୍ୟ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏହି ନଗର ପରିକ୍ରମାରେ ସାମିଲ ହୋଇଥିଲେ । ଶ୍ରୀରାମ ନବମୀରେ ମୃଣୟ ଦେବଙ୍କ ଲାଗି ନବମୀ ପୂଜାବିଧି ଯଥାରୀତିରେ ପୂଜା ପାଇଥାନ୍ତି । ପରିକ୍ରମା ପରେ ବିଳମ୍ବିତ ରାତିରେ ଠାକୁର ନିଜ ମନ୍ଦିରକୁ ପ୍ରବେଶ କରିଥାନ୍ତି ।

### ● ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ

## ହେଲ୍‌ମେଟ୍ ପିନ୍ଧାଳୀଙ୍କୁ ଗୋଲାପ ଦେଇ ସ୍ୱାଗତ

ରଙ୍ଗେଇଲୁଣ୍ଡା,୨୯।୩(ସମିସ): ଗୋଳନ୍ଥରା ଥାନା ପୁଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ଗାଡ଼ିମୋଟର ଯାଞ୍ଚ କରାଯାଇଛି । ୧୬ ନଂ. ଜାତୀୟ ରାଜପଥ ଅଟୋନଗର ଓଭର ବ୍ରିଜ ନିକଟରେ ଚାରି ଓ ଦୁଇ ଚକିଆ ଯାନଗୁଡ଼ିକର କାଗଜପତ୍ର ସହ ଟ୍ରିପିଲ୍ ରାଇଡିଙ୍ଗ, ଡ୍ରଙ୍କେନ ଡ୍ରାଇଭି ଯାଞ୍ଚ କରିଥିଲେ । ହେଲମେଟ ପିନ୍ଧିଥିବା ବାଇକ ଚାଳକ ଏବଂ କାରରେ ସିଟ୍‌ବେଲ୍ଟ ବାନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଅମାନିଆ ୪୦ରୁ ଊର୍ଦ୍ଧ୍ୱ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା । ପକ୍ଷରୁ ଅତିରିକ୍ତ ଆର୍‌ଟିଓ ସୋମନାଥ ଶବର, ଡିଇଓ ଅଜୟ କୁମାର ବାରିକ, ଏସ୍‌ଆଇ ଚିତ୍ତରଞ୍ଜନ ସାହୁ, ଯୋସେଫ ଗୁଛି, ଟ୍ରାଫିକ କନେଷ୍ଟବଳ ସାଗର ଦୋରା, କେ. ସୀମାଞ୍ଚଳଙ୍କ ସମେତ ପୁଲିସ ଏବଂ ପରିବହନ ବିଭାଗର କର୍ମଚାରୀ ସାମିଲ ରହିଥିଲେ ।

## କୃଷି ବନୀକରଣ ତାଲିମ ଶିବିର



ରମ୍ଭା,୨୯ ।୩(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବାହାଡ଼ାପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଦୁଇ ଦିନିଆ କୃଷି ବନୀକରଣ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କୃଷି ବନୀକରଣ (ଓୟୁଏଟି) ର ବୈଜ୍ଞାନିକ ଡ଼ଃ ମାନସ ରଞ୍ଜନ ନାୟକ, ଡ଼ଃ ଚିନ୍ମୟୀ ମିଶ୍ର (ଓୟୁଏଟି) ର ଭାରପ୍ରାପ୍ତ ଅଧିକାରୀ, କୃଷି ଜେଇ ସରୋଜ କୁମାର ମହାନ୍ତି ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଚାଷୀମାନଙ୍କୁ ଅଭିଭାଷଣ ମାଧ୍ୟମରେ ଛେଳି ପାଳନ, ପଶୁ ପାଳନ ଓ କୃଷି ବନୀକରଣ ଉପରେ ଆଲୋକପାତ କରିଥିଲେ । ତତ୍‌ସହିତ ଉପସ୍ଥିତ ୪୦ଜଣ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଏହାକୁ ପ୍ରସାର କରାଯାଇ ଚାରା, ନଡ଼ିଆ ଗଛ, କଦଳୀ ଗଛ, ଛତୁ ମଞ୍ଜି ଆନୁସାଙ୍ଗିକ ଦେବାକୁ ସ୍ଥିର ହୋଇଛି । ଜେ ଭାସ୍କର ପାତ୍ର, ହରିଶ କୁମାର ଓ ଏ ରଘୁପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା

ବେଲଗୁଣ୍ଠା,୨୯।୩(ସମିସ): ରାଜ୍ୟ ସରକାର ମାର୍ଚ୍ଚ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣା ରୋକିବାକୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ବହୁ ମୂଲ୍ୟବାନ ଜୀବନ ନଷ୍ଟ ହେଉଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବେଲଗୁଣ୍ଠା ବସ୍ ଷ୍ଟାଣ୍ଡ ନିକଟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି । 'ଦ୍ରୁତ ଗତି ମହା ବିପତ୍ତି', 'ମଦ୍ୟପାନ କରି ଗାଡ଼ି ନ ଚଳେଇବା' ଓ ଗାଡି ଚଳେଇବା ସମୟରେ ହେଲମେଟ୍ ସିଟ ବେଲ୍ଟ ବ୍ୟବହାର କରିବା ସମ୍ପର୍କରେ ବାଇକ ଓ କାର୍‌ଚାଳକଙ୍କୁ ସଚେତନ କରାଯାଇଥିଲା । ଅଟୋ ଚାଳକମାନଙ୍କୁ ନେଇ ସଭା କରିବା ସହ ରାଜ ରାସ୍ତାରେ ଶୋଭାଯାତ୍ରା କରି ବିଭିନ୍ନ ସଚେତନତା ସ୍ଲୋଗାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଏମ୍‌ଭିଆଇ କିଶୋର କୁମାର ସଭାମୁଖ୍ୟ ଭାବେ ଯୋଗ ଦେଇଥିଲେ । ଅଟୋ ଚାଳକ ସଙ୍ଘର ସଭାପତି ସମ୍ପାଦକ ମଧ୍ୟ ରହି ଶପଥ ଗ୍ରହଣ କରିଥିଲେ ।

## 'ଜନମ ନେଇଛି କାନ୍ଦିବା ପାଇଁ' ମଞ୍ଚସ୍ଥ

ଧରାକୋଟ,୨୯ ।୩(ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ କାନଗିରିଡି ଗ୍ରାମରେ ମା'ଦଣ୍ଡକାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା'କାଳୀ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ସାନଖେମୁଣ୍ଡି ବିଧାୟକଙ୍କ ପ୍ରତିନିଧି ପିଣ୍ଟୁ ଜେନା ଏହି ନାଟକକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ରୁଗୁମୁ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ସମାଜସେବୀ ଗୋପାଳ କୃଷ୍ଣ ପାଢ଼ୀ, ଲଳିତ ମୋହନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ । ନାଟକର ନିର୍ଦ୍ଦେଶନା ସୀମାଞ୍ଚଳ ସାର ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଧ୍ରୁବ ଭାଇ । ମଞ୍ଚସଜା ଦାୟିତ୍ୱରେ ଇଟାମାଟିର ପ୍ରଗତି ଚିତ୍ରାଳୟ ରହିଥିଲା ।



ଏଥିରେ ଇନ୍ଦ୍ରମଣି ବେହେରା ସଭାପତିତ୍ୱ କରିଥିଲାବେଳେ ସଞ୍ଜୟ ସାହୁ ପରିଚାଳନା କରିଥିଲେ । କାହ୍ନୁ ଚରଣ ମହାରଣାଙ୍କୁ ଶ୍ରେଷ୍ଠ କଳାକାର ଭାବରେ ମନୋନୀତ କରାଯାଇଥିଲା । ଏଥିରେ କାନଗିରିଡି ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ ।

# ବିଜେପି ଗଡ଼ରେ କଂଗ୍ରେସ କର୍ମୀ ସମ୍ମିଳନୀ

ରଙ୍ଗେଇଲୁଣ୍ଡା,୨୯।୩(ସମିସ):

ଆହୁରି ଏକ ବର୍ଷ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଏବେ ଠାରୁ ରାଜନୀତି ତାତି ଦେଖିବାକୁ ମିଳିଲାଣି । ବିଜେପି ଗଡ଼ରେ କଂଗ୍ରେସ ପଶି ରବିବାର ମେଣ୍ଟରାଜପୁର ପଞ୍ଚାୟତରେ କଂଗ୍ରେସ ନେତା ଡ଼. ଶମ୍ଭୁ ପାଣିଗ୍ରାହୀଙ୍କ ପକ୍ଷରୁ 'ଆସ ଯୋଡ଼ି ହେବା ଲୋକଙ୍କ ସହ' କାର୍ଯ୍ୟକ୍ରମ ସହ କର୍ମୀ ସମ୍ମିଳନୀର ଆୟୋଜନ ଫାସୀନୂଆପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ କର୍ମୀଙ୍କ ଦ୍ୱାରା ପିସିସି ସଭ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଡ଼. ଶମ୍ଭୁ ପାଣିଗ୍ରାହୀଙ୍କୁ ଭବ୍ୟ ସ୍ୱାଗତ ସହ କାର୍ଯ୍ୟକ୍ରମ



ସ୍ଥଳକୁ ପାଛୋଟି ନେଇଥିଲେ । ଶ୍ରୀ ପାଣିଗ୍ରାହୀ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିବା ସହ ଏହା ଲୋକଙ୍କ ସରକାର ବଦଳରେ ଲୋକଙ୍କୁ ଠକିବା ସରକାର ବୋଲି କହିଥିଲେ । କଂଗ୍ରେସ କର୍ମୀ ଏକାଠି ହୋଇ ଆଗାମୀ ଦିନରେ ତୃଣମୂଳରେ ସଂଗଠନକୁ ସୁଦୃଢ଼ କରିବା ସହ କଂଗ୍ରେସକୁ ମୁଖ୍ୟ ସ୍ରୋତ ଆଣିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅନ୍ୟ ପଞ୍ଚାୟତ ମାନଙ୍କରେ ଆୟୋଜନ କରାଯିବ ସହ ମୁଁ ଆପଣଙ୍କ ନିକଟରେ ସବୁ ସମୟରେ ଅଛି ବୋଲି କହିଥିଲେ । ଏହି ଅବସରରେ ଫାସୀନୂଆପଡ ଗ୍ରାମରେ କେ. ଦିଲେଶ୍ୱ ରେଡି, ସଦାନନ୍ଦ ସେଠି, କାଳୀଦାସ ରେଡ୍ଡୀ, ହରିଶ୍ଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ଏଲ ଗୋପାଳ ରେଡ୍ଡୀ, ଏଲ, କେଶବ ରେଡ଼ି, ଏଲ ଗାରମା ରେଡି, କେ ସୁରେନ୍ଦ୍ର ରେଡି, କେ. ଆଦାୟ ରେଡ଼ି, କେ. ବେଣୁଧର ରେଡ଼ି ଓ ଅନ୍ୟମାନେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# 'ପଢ଼ିବା ଗଢ଼ିବା ଓଡ଼ିଶା' ପ୍ରୋତ୍ସାହନ ସପ୍ତାହ

କବିସୂର୍ଯ୍ୟନଗର,୨୯ ।୩(ସମିସ): ସହରର ଉପକଣ୍ଠରେ ଅବସ୍ଥିତ ପିଏମଶ୍ରୀ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲର ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ 'ପଢ଼ିବା ଗଢ଼ିବା ଓଡିଶା' ପ୍ରୋତ୍ସାହନ ସପ୍ତାହ ପାଳିତ ହୋଇଯାଇଛି । ଶିକ୍ଷୟିତ୍ରୀ ଯଶସ୍ୱିନୀ ବେହେରାଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରାରେ ସମର ଶିକ୍ଷାର୍ଥୀ ବାହିନୀ ମୁଖ୍ୟ ସହର ରାସ୍ତା ପରିକ୍ରମା କରି ବିଦ୍ୟାଳୟ ଫାଟକ ନିକଟରେ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ହସ୍ତାନ୍ତର କରିଥିଲେ । ଶିକ୍ଷୟିତ୍ରୀ ମାମିନୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା



ସାହିତ୍ୟିକ ବିଷ୍ଣୁଚରଣ ପଟ୍ଟନାୟକ, ଅନ୍ୟତମ ସ୍ୱତନ୍ତ୍ର ବକ୍ତା ସାହିତ୍ୟିକ, ଗାଳ୍ପିକ ଯଜ୍ଞଦତ୍ତ ସାମନ୍ତରା, ସମ୍ମାନିତ ଅତିଥି ବିଇଓ ଅଭିମନ୍ୟୁ ସାହୁ ତଥା ଅନ୍ୟାନ୍ୟ ଅତିଥି ମଧ୍ୟରେ ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ମର୍ଦ୍ଦରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା, ସରସ୍ୱତୀ ଶିଶ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦାଶରଥୀ ସ୍ୱାଇଁ, ଶିକ୍ଷକ ଉମାଶଙ୍କର ସାହୁ ଯୋଗଦେଇ ଭାଷା, ଜ୍ଞାନ, ସାହିତ୍ୟ, ସୃଜନଶୀଳତାରେ ଉତ୍କର୍ଷତା ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

## ବ୍ରାହ୍ମଣୀଗାଁରେ ଖଜୁରୀ ବାହୁଙ୍ଗା ପର୍ବ



ବ୍ରାହ୍ମଣୀଗାଁ,୨୯ ।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ସହରରେ ଖ୍ରୀଷ୍ଟ ବିଶ୍ୱାସୀ ଖଜୁରୀ ବାହୁଙ୍ଗା ପର୍ବ ବା ବିଜୟ ଯାତ୍ରା ପର୍ବ ଗୀର୍ଜା ପ୍ରାଙ୍ଗଣରେ ପାଳନ କରିଛନ୍ତି । ୨୦୦୦ ବର୍ଷ ପୂର୍ବେ ପ୍ରଭୁ ଯୀଶୁ ଗଧଛୁଆ ପିଠିରେ ବସି ଜେରୁଜେଲମ ଅଭିମୁଖେ ଶାନ୍ତିର ବିଜୟ ଯାତ୍ରା କରିଥିଲେ । ଏହି ପର୍ବ ପାଳନ ପାଇଁ ଖ୍ରୀଷ୍ଟ ବିଶ୍ୱାସୀ ହାତରେ ଖଜୁରୀ ବାହୁଙ୍ଗା ଧରି ଗୀର୍ଜା ପରିସରରେ ବିଭିନ୍ନ ସ୍ଲୋଗାନ ଦେଇ ଯୀଶୁଙ୍କର ଜୟ ଜୟ କାର କରିଥିଲେ । ଏହାପରେ ଗୁରୁବାର ଦିନ ପାଦଧୂଆ ପର୍ବ, ଶୁକ୍ରବାର ଶୁଭ ଶୁକ୍ରବାର ଓ ରବିବାର ପୁନରୁତ୍ଥାନ ପର୍ବ ପାଳନ କରାଯାଇଥିଲା । ବକ୍ତବ୍ୟରେ ଗଧର ନମ୍ରତା ଓ ଆଜ୍ଞାବହତା ଶିକ୍ଷଣୀୟ ବୋଲି ରେଭ୍ ବିମଳ ଚନ୍ଦ୍ର ନାୟକ ବୁଝାଇ କହିଥିଲେ ।

## ସପ୍ତମ ଦିନରେ ମା' ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା



ପାରଳାଖେମୁଣ୍ଡି,୨୯ ।୩(ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଯାଜପୁର ଗ୍ରାମରେ ଚାଲିଥିବା ମା ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା ସପ୍ତମ ଦିନରେ ପ୍ରବେଶ କରିଛି । ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହେଉଛି । ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଯୋଗ ଦେଇ ମାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ । ଏହି ଭକ୍ତିଭାବପୂର୍ଣ୍ଣ କାର୍ଯ୍ୟକ୍ରମରେ ବହୁ ଚଳଚ୍ଚିତ୍ର ତାରକା ଓ କଣ୍ଠଶିଳ୍ପୀ ଯୋଗ ଦେଇଥିବା ବେଳେ ସପ୍ତମୀ ରଜନୀରେ ଆନ୍ଧ୍ରରୁ ଆସିଥିବା ଦଶଅବତାର ନୃତ୍ୟ ମଞ୍ଚସ୍ଥ ହୋଇଛି ।

## ମାଗଣା ସ୍ୱାସ୍ଥ୍ୟ ଶିବିର



ପାରଳାଖେମୁଣ୍ଡି,୨୯ ।୩(ସମିସ): ପାରଳାଖେମୁଣ୍ଡି ରାମନଗରସ୍ଥିତ ହାଇଟେକ୍ ପ୍ଲାଜା ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟତଃ ଜିଲ୍ଲାରେ ବୟସ୍କ ହୃଦ୍‌ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଓ ଅର୍ଥ ଅଭାବରୁ ଚିକିତ୍ସା ନକରି ସ୍ୱାସ୍ଥ୍ୟବିଗିଡ଼ିବାରବହୁଦୃଷ୍ଟାନ୍ତକୁଦେଖିପାରଳାଖେମୁଣ୍ଡିବିଧାୟକଇଂ.ରୂପେଶକୁମାର ପାଣିଗ୍ରାହୀଙ୍କଅନୁରୋଧକ୍ରମେହାଇଟେକ୍‌ମେଡ଼ିକାଲ୍‌ପ୍ରତିଷ୍ଠାତାତଥାହାଇଟେକ୍‌ଗ୍ରୁପ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଆଜି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ରୋଗୀ ଆଜି ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଓଡ଼ିଶାର ଜଣେ ଜଣାଶୁଣା ହୃଦରୋଗୀ ବିଶେଷଜ୍ଞ ଡା. ଶ୍ୱେତଙ୍କ ଦାସ ସମସ୍ତ ରୋଗୀଙ୍କୁ ଚିକିତ୍ସା କରିଥିଲେ । ଏହିଭଳି ମାଗଣା ସ୍ୱାସ୍ଥ୍ୟ ଶିବିର କରିଥିବାରୁ ଆସିଥିବା ସମସ୍ତ ରୋଗୀ ହାଇଟେକ ଗ୍ରୁପ୍‌ର ଅଧ୍ୟକ୍ଷ ଓ ବିଧାୟକଙ୍କୁ ସାଧୁବାଦ ଜଣାଇଥିଲେ ।

## ଚବିଶି ପ୍ରହର ନାମଯଜ୍ଞରେ ସତ୍‌ସଙ୍ଗ

ଜି ଉଦୟଗିରି,୨୯ ।୩(ସମିସ): କିଲାକିଆ ଗ୍ରାମରେ ଚାଲିଥିବା ନାମଯଜ୍ଞର ତୃତୀୟ ଦିନରେ ବିଶିଷ୍ଟ ସନ୍ଥମାନଙ୍କ ସମାବେଶରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଯୋଗ ବେଦାନ୍ତ ସଂସ୍ଥାନର ସ୍ୱାମୀ ରାମେଶ୍ୱର ନନ୍ଦ ସରସ୍ୱତୀ, ସ୍ୱାମୀ ଭୁବନେଶାନନ୍ଦ ସରସ୍ୱତୀ, ନୈମିଶା ରଣ୍ୟ, ଉତ୍ତର ପ୍ରଦେଶ, ବ୍ରହ୍ମଚାରୀ ଶ୍ରୀ ଗୌରାଙ୍ଗ ଚୈତନ୍ୟ, ଶ୍ରୀ ରାଘବ ଚୈତନ୍ୟ, ବାବା ବାଳକ ଦାସ ଓ ବ୍ରହ୍ମକୁମାରୀ ସଂସ୍ଥାନର ଭାଇ ପରମେଶ୍ୱର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ । ଆସନ୍ତାକାଲି ଯଜ୍ଞର ସମାପ୍ତି ଦିବସ ଉପଲକ୍ଷେ ଶ୍ରୀ ସୁଦୟା ଆବାଙ୍କ ଅଧ୍ୟକ୍ଷତାରେ ଉପରୋକ୍ତ ସନ୍ଥ ସମାଜକୁ ନେଇ ଜ୍ଞାନଯଜ୍ଞ ଆୟୋଜନ କରାଯିବ ।

# ଜବରଦଖଲକାରୀଙ୍କ କବ୍‌ଜାରେ ମନ୍ଦିର ସମ୍ପତ୍ତି

ପାରଳାଖେମୁଣ୍ଡି,୨୯ ।୩(ସମିସ)



ମନ୍ଦିରମାଳିନି ସହର ଭାବେ ପାରଳାଖେମୁଣ୍ଡି ପରିଚିତ । ରାଜାରାଜୁଡା ଅମଳରୁ କିମ୍ବା ତତ୍‌ପୂର୍ବରୁ ପାରଳାଖେମୁଣ୍ଡିର ଗଳିକନ୍ଦିରେ ଅନେକ ପୁରୁଣା ମଠ ମନ୍ଦିର ରହିଛି । ଏହି ମଠ ମନ୍ଦିରର ପରିଚାଳନା ପାଇଁ ପୂର୍ବରୁ ରାଜପରିବାର ପକ୍ଷରୁ ଶହ ଶହ ଏକର ଜମି ବିଭିନ୍ନ ଦେବାଦେବୀଙ୍କ ନାମରେ ମଠ ମନ୍ଦିର ଗୁଡିକୁ ପ୍ରଦାନ କରାଯାଇଥିଲା । କିନ୍ତୁ କିଛି ଦଲାଲ ଓ ଜବରଦଖଲକାରୀଙ୍କ ହାତରେ ଏବେ ସେହି ଜମି ଓ ଜାଗା ରହିଛି । ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କିଛି ଫଳ ହେଉନି । ଏବେ ପରିସ୍ଥିତି ଏଭଳି ଯେ ପାରଳାଖେମୁଣ୍ଡିରେ ଥିବା ମଠ ମନ୍ଦିର ଗୁଡିକରେ ଦିଅଁ ମାନଙ୍କ ନିତିଦିନିଆ କାର୍ଯ୍ୟକ୍ରମ ଓ ପରିଚାଳନା କରିବା କଷ୍ଟକର ବ୍ୟାପାର ହୋଇପଡିଛି ।

ଏମିତି ଏକ ଘଟଣା ସାମ୍ନାକୁ ଆସିଛି ପାରଳାଖେମୁଣ୍ଡି ସହରର ଚିତ୍ରକାର ସାହିରେ ଥିବା ସାନ ରାଧାକାନ୍ତ(କୋକିଳା) ମଠରୁ । ଏହି ମନ୍ଦିରର ଭଗବାନଙ୍କ ପୀଠ ଛାଡି ଚାରି ପାଖରେ ଥିବା ମୋଟ ୫୩୯୦ ବର୍ଗଫୁଟ ଜାଗା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ପ୍ଲଟ ନମ୍ବର-୫୧୫ ଠାରୁ ୫୧୯, ୫୦୩ ଠାରୁ ୫୦୯, ୫୧୧, ୫୦୯, ୫୦୦, ୫୧୩ ଏବଂ ୪୯୬ ଠାରୁ ୪୯୯ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ପୂର୍ବରୁ କିଛି ଲୋକ ସେଠାରେ ଗାଈ ଗୁହାଳ କରିବା ବାହାନାରେ ମନ୍ଦିର ଚାରିପାଖର ଜାଗା ରଖିଥିଲେ । କିନ୍ତୁ କାଳକ୍ରମେ ସେଠାରେ ଦୋକାନ ଗୃହ ନିର୍ମାଣ କରି ନିଜ ବ୍ୟବସାୟ ବିସ୍ତାର କରିଥିଲେ । ମନ୍ଦିର ଚାରି ପାଖରେ ପ୍ରାୟ ୨୦ରୁ ଅଧିକ ଦୋକାନ ଓ ବଡ଼ ବଡ଼ ଅଟ୍ଟାଳିକା ତିଆରି କରି ଭଡ଼ାରେ ଦେଇ ନିଜେ ମାଲାମାଲ ହେଉଛନ୍ତି । ଅନ୍ୟପଟେ ମନ୍ଦିର ମୁଖ୍ୟ ଦ୍ୱାରା ଧୀରେ ଧୀରେ ସଂକୁଚିତ ହେବାରେ ଲାଗିବା ସହ ପରିଚାଳନା ପାଇଁ କାଣିଚାଏ ମଧ୍ୟ ଦେଉନଥିବା ଅଭିଯୋଗ ଆସିଛି । ଯାହା ଫଳରେ ପ୍ରତିଦିନ ମନ୍ଦିର ନୀତିକାନ୍ତି ଚଳାଇବା କଷ୍ଟ ହେଲାଣି ବୋଲି କହିଛନ୍ତି ମନ୍ଦିର କମିଟି ସଦସ୍ୟ ଲବ ସାହୁ ଓ ମନ୍ଦିର ପରିଚାଳକ ହରିଶ୍ଚନ୍ଦ୍ର ପରିଛା ।

କିଛି ଜବରଦଖଲ କାରୀ ଜାଗାକୁ ନିଜ ନାମରେ କରିଦେଇଥିବା ବେଳେ ଆଉ କିଛି ଭଡ଼ାରେ ଲଗାଇ ମୋଟା ଅଙ୍କର ଟଙ୍କା ରୋଜଗାର କରି ଚାଲିଛନ୍ତି । ଜବରଦଖଲକାରୀଙ୍କ ମଧ୍ୟରେ କିଛି ସରକାରୀ କର୍ମଚାରୀ ରହିଥିବା ଜଣାପଡ଼ିଛି । ଦୀର୍ଘଦିନ ହେବ ଏପରି ଜବରଦଖଲରେ ଥିବା ମଠ ସମ୍ପତ୍ତିକୁ ମୁକ୍ତ କରିବାକୁ ପ୍ରଶାସନିକ ସ୍ତରରେ ଅବହେଳା ପରିଲକ୍ଷିତ ହେଉଥିବାରୁ କୌଣସିଅଦୃଶ୍ୟଚାପକାମକରୁଥିବାଅଭିଯୋଗହେଉଛି ।

ଘଟଣାକୁ ନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ମଠ ମନ୍ଦିର କିମ୍ବା ଦେବୋତ୍ତର ବିଭାଗ ତରଫରୁ ଯେତେବେଳେ କିଛି ଅଭିଯୋଗ ଆସେ ତେବେ ସେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ତେବେ ଏହି ମନ୍ଦିରର ଘଟଣା ସାମ୍ନାକୁ ଆସିବା ପରେ ଏ ନେଇ ତଦନ୍ତ ଜାରି ରହିଛି । ଅଭିଯୋଗ ଆସିବା ପରେ ସେ ନିଜେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ଉପସ୍ଥିତିରେ ଜାଗା ମାପଚୁପ କରି ଯେଉଁମାନେ ଜବରଦଖଲ କରି ସେଠାରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଛି । କିନ୍ତୁ ବୈଠକରେ ୧୯ ଜଣ ଜବରଦଖଲକାରୀଙ୍କ ମଧ୍ୟରୁ ୧୦ ଜଣ ଉପସ୍ଥିତ ଥିଲେ । ସେଥିପାଇଁ ସମସ୍ତେ ଆଲୋଚନା ଅଧିକ ହୋଇଯାଇଥିଲେ ମଧ୍ୟ ସେମାନେ କୌଣସି ବିଷୟ ଜଣାଇ ନାହାନ୍ତି । ତେଣୁ ସରକାରୀ ନିୟମ ଅନୁଯାୟୀ ସେଠାରେ ଯେଉଁ ଭଡ଼ା ଧାର୍ଯ୍ୟ କରାଯାଇଛି ତାହା ନିର୍ଦ୍ଧାରିତ କରି ଭଡ଼ା ଆଦାୟ କରାଯିବ ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ଅଭିଯାନ




ଗୁମ୍ମା,୨୯ ।୩(ସମିସ): ଗୁମ୍ମା ବ୍ଲକ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁରରେ ଜାତୀୟ ସଡ଼କ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସବଇନ୍ସପେକଟର ପ୍ରଜ୍ଞା ପରିମିତା ସିଙ୍ଗ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷାର ମହତ୍ତ୍ୱ ଉପରେ ସବିଶେଷ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଜନ ଶିକ୍ଷଣ ସଂସ୍ଥାନର ଅଧିକାରୀ ଆନନ୍ଦ ପଟ୍ଟନାୟକ ଡ୍ରାଇଭିଂର ବିଭିନ୍ନ କୌଶଳଗୁଡ଼ିକ ଉପରେ ବିଭିନ୍ନ ତଥ୍ୟ ରଖିଠବା ସହ ମନୋଜ କୁମାର ପଟ୍ଟନାୟକ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ସହିତ ସଡକ ସୁରକ୍ଷା ଅଭିଯାନକୁ ସେବା ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ପ୍ରବର୍ତ୍ତାଇ ଥିଲେ । ଜାତୀୟ ସେବା ଯୋଜନାର ପୂର୍ବତନ ସଂଯୋଜକ ସୀତାରାମ ପ୍ରଧାନ ଟ୍ରାଫିକ ନିୟମ ଗୁଡିକ ସମ୍ବନ୍ଧରେ ବିବରଣୀ ରଖିଥିଲେ । ରବୀନ୍ଦ୍ର ପାଣିଗ୍ରାହୀ ଜାତୀୟ ସେବା ଯୋଜନାର ସଂଯୋଜକ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବାପାଇଁ ପରାମର୍ଶ ଦେବା ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସିଯୁଟିଏମ୍‌ରେ ଆତ୍ମୀୟ ସମ୍ମିଳନୀ



ପାରଳାଖେମୁଣ୍ଡି,୨୯ ।୩(ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ଆର୍. ସୀତାପୁରରେ ଥିବା ସିଯୁଟିଏମ୍ ସଭା ଗୃହରେ ପୁରୁଣା ବନ୍ଧୁ ପୁନଃମିଳନ ତଥା ଆତ୍ମୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଏପରି ସମ୍ମିଳନୀକୁ ପ୍ରଶଂସା କରିଥିଲେ । ପାରଳାଖେମୁଣ୍ଡି ମିତ୍ର ସଂଗଠନ ପକ୍ଷରୁ ଡ. ରହିମତୁଲ୍ଲା ଓ ଭିଏସ୍‌ଏନ୍ ରାଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ସିଯୁଟିଏମର ଉପସଭାପତି ପ୍ରଫେସର ଡିଏନ୍ ରାଓ, ପ୍ରାକ୍ତନ ପ୍ରିନ୍ସିପାଲ ସେକ୍ରେଟେରୀ ସିବିଏସ୍ ରାମଚନ୍ଦ୍ର ରାଓ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଏହି ଦ୍ୱିଭାଷୀ ଅଞ୍ଚଳରେ ଉଭୟ ଓଡ଼ିଆ ଓ ତେଲୁଗୁ ସଂପ୍ରଦାୟର ଲୋକେ ଭାଇଚାରା ମନୋଭାବ ପୋଷଣ କରି କେଉଁ କାଳରୁ ବସବାସ କରିଆସୁଛନ୍ତି । ତେଣୁ ଏପରି ଅଞ୍ଚଳରେ ବନ୍ଧୁତ୍ୱପୂର୍ଣ୍ଣ ବହୁ ଗୁରୁତ୍ୱପୂର୍ଣ୍ଣ । ଉଭୟେ ଉଭୟ ସଂପ୍ରଦାୟର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ ଠାରୁ ଆରମ୍ଭ କରି ଆପତ୍ତି ବିପତ୍ତିରେ ସମଭାଗେ ଦାୟିତ୍ୱ ନିର୍ବାହ କରିଥାନ୍ତି ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇଥିବା ବେଳେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ଚାନ୍ଦିପୁଟ ଶ୍ରୀଚନ୍ଦ୍ରଶେଖର ବ୍ୟବସାୟୀ ସଂଘ କର୍ମକର୍ତ୍ତା ଚୟନ



ମୋହନା,୨୯ ।୩(ସମିସ): ମୋହନା ବ୍ଲକ ଚାନ୍ଦିପୁଟ ଶ୍ରୀ ଚନ୍ଦ୍ରଶେଖର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ମନ୍ଦିର ପରିସରରେ ଆୟୋଜିତ ବାର୍ଷିକ ବୈଠକରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ଏହାପରେ ସହମତି କ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଏଥିରେ ସଭାପତି ଭାବେ କୁନା ଦାସ, ସମ୍ପାଦକ ସୁଦର୍ଶନ ମାର୍ଦ୍ଦଳା ଓ କୋଷାଧ୍ୟକ୍ଷ ଭାବେ ସୀମାଞ୍ଚଳ ବିଜୁଳିଙ୍କ ମନୋନିତ କରାଯାଇଥିଲା । ପ୍ରତ୍ୟେକ ମାସରେ ବୈଠକ କରାଯିବା ସହ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ । ଏଥିସହ ଆଗାମୀ ଦିନରେ ବ୍ୟବସାୟୀ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ନୂତନ କର୍ମକର୍ତ୍ତା କହିଛନ୍ତି ।

● ଉତ୍କଳ କରାଟେ ସ୍କୁଲର ବ୍ଲାକ୍‌ବେଲ୍ଟ ଗ୍ରେଡିଂ ପରୀକ୍ଷା

## କନ୍ଧମାଳର ୩ ପ୍ରତିଯୋଗୀଙ୍କ ସଫଳତା

ଟିକାବାଲି,୨୯ ।୩(ସମିସ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଇନଷ୍ଟ୍ରକ୍ଟର ଟ୍ରେନିଂ କ୍ୟାମ୍ପ ଓ ବ୍ଲାକ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ କନ୍ଧମାଳ ଜିଲ୍ଲାର ୩ ଜଣ କରାଟେ ଖେଳାଳି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଡା. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମାର୍ଚ୍ଚ ୨୭ ଓ ୨୮ ଦୁଇଦିନ ଧରି ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସାରା ରାଜ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିବା ବେଳେ ସେଥିମଧ୍ୟରୁ ୫୦ ଜଣ ଟ୍ରେନର ଓ ୫୦ଜଣ ବ୍ଲାକବେଲ୍ଟ ପରୀକ୍ଷାର୍ଥୀ ସାମିଲ ଥିଲେ । କନ୍ଧମାଳ ଜିଲ୍ଲାରୁ ଟ୍ରେନର ଭାବେ ସେନସାଇ ଗୋପାଳ ଚନ୍ଦ୍ର କହଁର ଯୋଗ ଦେଇଥିବା ବେଳେ ତାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିବା ୩ ଜଣ କରାଟେକା ସାନଭି ସାଧନା ପ୍ରଧାନ, ପ୍ରିୟାଂଶୁ ଶେଖର ଏବଂ ଅଭିଜିତ ପ୍ରଧାନ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଉତ୍କଳ କରାଟେ ସ୍କୁଲ କନ୍ଧମାଳର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ସେନସାଇ ଜୁନେଶ ଦିଗାଳଙ୍କ ମାର୍ଗଦର୍ଶନ ଏବଂ ସେନସାଇ ଗୋପାଳ ଚନ୍ଦ୍ର କହଁରଙ୍କ କଠିନ ପରିଶ୍ରମ ଓ ଦକ୍ଷ ପ୍ରଶିକ୍ଷଣ ଯୋଗୁଁ କରାଟେକା ଏହି ସଫଳତା ପାଇଥିବା କୁହାଯାଇଛି । ସେମାନଙ୍କର ଏହି ସଫଳତା ପାଇଁ ସେନସାଇ ଜୁନେଶ ଦିଗାଳ ଶୁଭେଚ୍ଛା ଜଣାଇଛନ୍ତି ।




## ପ୍ରଶିକ୍ଷଣ ମହାଭିଯାନ ଉଦ୍‌ଯାପିତ



ଜି.ଉଦୟଗିରି,୨୯ ।୩(ସମିସ): ଜି.ଉଦୟଗିରି ନଗର ମଣ୍ଡଳ ବିଜେପି ତରଫରୁ ଚାଲିଥିବା ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଆଜି ଉଦ୍‌ଯାପିତ ହୋଇଯାଇଛି । ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ, ନଗର ସଭାପତି ଭେଙ୍କଟେଶ୍ୱର ବେହେରା, ଜିଲ୍ଲା କାଯ୍ୟକରିଣୀ ସଦସ୍ୟ ପ୍ରିୟବ୍ରତ ସାହୁ, ନବ କିଶୋର ପ୍ରଧାନ ଓ ପୂର୍ବତନ ରାଇକିଆ ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା ପ୍ରଶିକ୍ଷଣ ଦେଇଥିଲେ । ନଗର ଉପସଭାପତି ମନୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜି.ଉଦୟଗିରି ପ୍ରଭାରୀ ଅଜିତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନଗର ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତି ଏବଂ ପ୍ରଶାନ୍ତ ମୁନି ପରିଚାଳନା କରିଥିବା ବେଳେ ବହୁ କାଉନ୍‌ସିଲର ଓ କର୍ମୀ ଯୋଗ ଦେଇଥିଲେ ।

# ନବୀନା ନନ୍ଦ ଗନ୍ତାୟତଙ୍କ ଜୟନ୍ତୀରେ ସ୍ମୃତିଚାରଣ ସଭା




ପାରଳାଖେମୁଣ୍ଡି,୨୯ ।୩(ସମିସ): ଗଜପତି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତଃ ନବୀନା ନନ୍ଦ ଗନ୍ତାୟତଙ୍କ ୮୭ ତମ ଜୟନ୍ତୀ ଓ ସ୍ମୃତିଚାରଣ ସଭା ଶନିବାର ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଦ୍ୱିଜେନ୍ଦ୍ରନାଥ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ଅଧ୍ୟାପକ ଶଙ୍କର ପ୍ରସାଦ ବକ୍ସି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଗରୁଡ଼ଧ୍ୱଜ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ନବୀନାନନ୍ଦଙ୍କ ପୁଅ ବିବେକ ଗନ୍ତାୟତ ଓ ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସାମ୍ବାଦିକ ସରୋଜ ବୀର ମଞ୍ଚାସୀନ ଥିଲେ । ଏହି ଅବସରରେ ଉପସ୍ଥିତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ, ସାମ୍ବାଦିକ ସ୍ୱର୍ଗତଃ ନବୀନାନନ୍ଦ ଗନ୍ତାୟତଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସାମ୍ବାଦିକ ଜୀବନର ଅଭୁଲା ବିଷୟ ସ୍ମୃତିଚାରଣ କରିଥିଲେ । ଉପସ୍ଥିତ ଅତିଥିମାନେ ବିକାଶ ଠାରୁ ଆରମ୍ଭ କରି ବ୍ରଡଗେଜ୍ ରେଳପଥ ପାଇଁ ଆନ୍ଦୋଳନ ର ବିକାଶ, ସ୍ୱର୍ଗତଃ ନବୀନାନନ୍ଦଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସଂଘର ଉପଦେଷ୍ଟା ପ୍ରଦୀପ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ସାମ୍ବାଦିକ ସରୋଜ ବୀର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଖବରକାଗଜ ବିତରକ ପ୍ରସାଦ ଗୌଡଙ୍କୁ ନବୀନାନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଷୋହଳ ପ୍ରହର ପଞ୍ଚମହାଯଜ୍ଞ ଉଦ୍‌ଯାପିତ



ଜି.ଉଦୟଗିରି,୨୯ ।୩(ସମିସ): ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ପଞ୍ଚାୟତ ଡକରଙ୍ଗିଆ ଗ୍ରାମରେ ଆୟୋଜିତ ଷୋହଳ ପ୍ରହର ପଞ୍ଚମହଯଜ୍ଞ ଉଦଯାପିତ ହୋଇଛି । ମହାଯଜ୍ଞରେ ୧୧ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ପରେ ମିଲୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧର୍ମ ସଭାରେ ନରତ୍ତୋମ ପ୍ରଧାନ, ରାଧାକୃଷ୍ଣ ଚୌଧୁରୀ, ସୁଧୀର ପ୍ରଧାନ, ଧବଳେଶ୍ୱର ଚନ୍ଦନ, ଟାଙ୍ଗୁରା ପ୍ରଧାନ, ଶରତ ନାୟକ ଓ ସୁରେଶନ ଦିଗାଳ ମଞ୍ଚାସୀନ ଥିବା ବେଳେ ମୁଖ୍ୟପ୍ରବଚକ ଭାବେ ଚକାପାଦ ଆଶ୍ରମର ପଣ୍ଡିତ ଜଗବନ୍ଧୁ ଦାସ ଯୋଗ ଦେଇ ଯାହା କରିବା ଉଚିତ ତାକୁ କରିବା ଓ ଯାହାକୁ କରିବା ଉଚିତ ନୁହେଁ ତାକୁ କୌଣସି ପରିସ୍ଥିତିରେ ନ କରିବା ହିଁ ସନାତନ ଧର୍ମର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶଙ୍କର ସାହୁ ପରିଚାଳନା କରିଥିବା ବେଳେ, ନୀଳମାଧବ ଦେହୁରୀ, ଅତୁଳ ପ୍ରଧାନ, ବଚନ ଦେହୁରୀ, ଅନନ୍ତ ଦେହୁରୀ, ଅଶ୍ୱିନୀ ଦେହୁରୀ, ପ୍ରଭାତ ଦେହୁରୀ ଓ ଅଞ୍ଚଳର ଯୁବଗୋଷ୍ଠୀ ସହଯୋଗ କରିଥିଲେ ।

